# NATIONAL NEWS BULLETIN (ODIA)

**14 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସାଇପ୍ରସ୍, କାନାଡ଼ା ଏବଂ କ୍ରୋଏସିଆକୁ ଆସନ୍ତାକାଲିଠାରୁ ୫ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ଅହମ୍ମଦାବାଦ ବିମାନ ଦୁର୍ଘଟଣାର ଯାଞ୍ଚ ପାଇଁ ସରକାର ଗଠନ କଲେ ଉଚ୍ଚସ୍ତରୀୟ କମିଟି ।

- ବିଶ୍ୱ କଲ୍ୟାଣ ପାଇଁ ଯୋଗ ଭାରତର ଆକାଂକ୍ଷାକୁ ପ୍ରତିନିଧିତ୍ୱ କରେ - କହିଲେ ଆୟୁଷ ମନ୍ତ୍ରୀ ।

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଫ୍ରାନ୍ସ ପ୍ରତିପକ୍ଷଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଆଲୋଚନା ।

ଏବଂ

- ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ୨୦୨୫ ବିଜୟର ଦ୍ୱାରଦେଶରେ ଦକ୍ଷିଣ ଆଫ୍ରିକା ।

- ୮ ୱିକେଟ୍ ବାକି ଥାଇ ଦଳ ଆବଶ୍ୟକ କରୁଛି ଅଣସ୍ତରୀ ରନ୍ ।

# ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ୫ ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ସାଇପ୍ରସ, କାନାଡ଼ା ଓ କ୍ରୋଏସିଆକୁ ଯିବେ । ସାଇପ୍ରସ ରାଷ୍ଟ୍ରପତି ନିକୋସ କ୍ରିଷ୍ଟୋଡୋ ଉଲିଡ୍ସଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାମନ୍ତ୍ରୀ ଆସନ୍ତା କାଲି ସାଇପ୍ରସକୁ ସରକାରୀ ଗସ୍ତରେ ଯିବେ । ଦୁଇଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ସାଇପ୍ରସକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଗସ୍ତ । ନିକୋସିଆରେ ଥିବା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାଇପ୍ରସ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ । ଏହି ଅବସରରେ ସେ ଲିମାସୋଲରେ ବିଶିଷ୍ଟ ବ୍ୟବସାୟୀକ ନେତୃତ୍ୱଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ସହ ଭୂମଧ୍ୟସାଗରୀୟ ଅଞ୍ଚଳ ତଥା ୟୁରୋପୀୟ ସଂଘ ସହିତ ଭାରତର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଦୁଇଦେଶର ସହଭାଗୀ ପ୍ରତିବଦ୍ଧତାକୁ ଦୋହରାଇବ ବୋଲି ଆଶା କରାଯାଉଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତା ୧୬ ତାରିଖରେ ଜି-୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ କାନାଡ଼ାର କାନାନାସ୍କିସ୍ ଯାତ୍ରା କରିବେ । ଏହା ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ କ୍ରମାଗତ ଷଷ୍ଠ ଅଂଶଗ୍ରହଣ ହେବ । ଏହି ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୭ ରାଷ୍ଟ୍ରର ନେତାମାନଙ୍କ ସମେତ ଅନ୍ୟ ଆମନ୍ତ୍ରିତ ଦେଶ

ତଥା ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ । ବିଶେଷକରି ଶକ୍ତି ସୁରକ୍ଷା, ପ୍ରଯୁକ୍ତି ବିଦ୍ୟା ଓ ନବସୃଜନ, କୃତ୍ରିମ ବୁଦ୍ଧିମତା-ଶକ୍ତି ସମ୍ମିଶ୍ରଣ ଏବଂ କ୍ୱାଣ୍ଟମ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ହେବ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ତାରିଖରେ କ୍ରୋଏସିଆକୁ ସରକାରୀ ଗସ୍ତରେ ଯିବେ । ଏଠାକୁ ମଧ୍ୟ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ ହେବ, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସ୍ଥାପନ କରିବ । ପ୍ରଧାନମନ୍ତ୍ରୀ ତାଙ୍କ କ୍ରୋଏସିଆ ପ୍ରତିପକ୍ଷ ଆଣ୍ଡ୍ରେଜ୍ ପ୍ଲେନ୍‌କୋଭିକ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୋଏସିଆ ରାଷ୍ଟ୍ରପତି ଜୋରାନ ମିଲାନୋ ଭିକ୍ସଙ୍କୁ ମଧ୍ୟ ସାକ୍ଷାତ୍ କରିବେ ।

## ଏଆଇ-କ୍ରାସ୍ କମିଟି

ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର କାରଣ ଯାଞ୍ଚ ପାଇଁ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ସୋସିଆଲ ମିଡ଼ିଆ ପୋଷ୍ଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ଯେ ବହୁ ବିଷୟଯୁକ୍ତ ଏହି କମିଟି ବର୍ତ୍ତମାନ ରହିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର-ଏସ୍.ଓ.ପି ଏବଂ ଏଭଳି ଘଟଣାକୁ ରୋକିବା ଓ ପରିଚାଳନା ପାଇଁ ଜାରି ରହିଥିବା ନିର୍ଦ୍ଦେଶାବଳୀ ଯାଞ୍ଚ କରିବ । ଭବିଷ୍ୟତରେ ଏଭଳି ଘଟଣାର ମୁକାବିଲା ପାଇଁ ଏହି କମିଟି ବ୍ୟାପକ ନିର୍ଦ୍ଦେଶାବଳୀ ପ୍ରସ୍ତୁତ

ପାଇଁ ମଧ୍ୟ ପରାମର୍ଶ ଦେବ । ଏହି କମିଟି ସଂପୃକ୍ତ ସଂଗଠନ ଦ୍ୱାରା ପରିଚାଳିତ ଅନ୍ୟ ଅନୁସନ୍ଧାନର ବିକଳ୍ପ ହେବ ନାହିଁ; କିନ୍ତୁ ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ଏବଂ ପରିଚାଳନା ପାଇଁ ଏସ୍‌ଓପି ପ୍ରସ୍ତୁତ କରିବା ଉପରେ ଧ୍ୟାନ ଦେବ ବୋଲି ମନ୍ତ୍ରଣାଳୟ କହିଛି ।

ଅନ୍ୟପକ୍ଷରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଙ୍ଗଭୀ ଆଜି ଗାନ୍ଧୀନଗରସ୍ଥି ଏଫ୍.ଏସ୍.ଏଲ୍ ଏବଂ ଏନ୍.ଏଫ୍.ଏସ୍.ୟୁ ପରିଦର୍ଶନ କରି ଡିଏନ୍ଏ ପରୀକ୍ଷଣ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି । ତାଙ୍କ ସହ ଗୃହସଚିବ, ଗୁଇନ୍ଦା ବ୍ୟୁରୋର ଆଇ.ଜି.ପି ଏବଂ ଏଫ୍.ଏସ୍.ଏଲ୍‌ର ନିର୍ଦ୍ଦେଶକ ଯୋଗ ଦେଇଥିଲେ ।

## ଯୋଗ-କନେକ୍ଟ ସମିଟ୍

ବିଶ୍ୱ କଲ୍ୟାଣ ପାଇଁ ଭାରତର ଆକାଂକ୍ଷାକୁ ଯୋଗ ପ୍ରତିନିଧିତ୍ୱ କରେ ବୋଲି କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ବିଶ୍ୱ ଯୋଗ ସମ୍ମିଳନୀ-ଯୋଗ ସଂଯୋଗରେ ଅଭିଭାଷଣ ରଖି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ବର୍ତ୍ତମାନ ସାରା ବିଶ୍ୱରେ ମାନବ ଜାତି ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି । ଏହି ଘଡିସନ୍ଧି ମୁହୂର୍ତ୍ତରେ ବିଶ୍ୱଶାନ୍ତି ପାଇଁ ଭାରତ ପକ୍ଷରୁ ବିଶ୍ୱକୁ ଯୋଗ ଏକ ଉପହାର ଏବଂ ଐତିହ୍ୟ ସାବ୍ୟସ୍ତ ହୋଇଛି ।

**V/O (Pratap Rao Yadav)**

ମନ୍ତ୍ରୀ ଦୃଢ଼ତାର ସହ କହିଛନ୍ତି ଯେ ଯୋଗ ଧର୍ମ, ଲିଙ୍ଗ ଏବଂ ଭାଷାର ସୀମା ଅତିକ୍ରମ କରେ । ପିଲାଙ୍କଠାରୁ ବୃଦ୍ଧ ଏବଂ ଗରିବରୁ ଧନୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହା ସୁଗମ ହୋଇଥାଏ । ସରକାରୀ ସଂସ୍ଥାର ଏକ ସର୍ଭେକୁ ଉଦ୍ଧୃତ କରି ମନ୍ତ୍ରୀ କହିଛନ୍ତି ଗତ ଦଶନ୍ଧି ମଧ୍ୟରେ ୩୩ ପ୍ରତିଶତ ବ୍ୟକ୍ତି ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

ଏହି ଅବସରରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ଯୋଗଗୁରୁ ରାମଦେବ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ଯୋଗ ସଂଯୋଗ ଏକ ବିଶ୍ୱସ୍ତରୀୟ ଶିଖର ସମ୍ମିଳନୀ, ଯାହା ବିଶ୍ୱର ବହୁ ବିଶିଷ୍ଟ ଯୋଗଗୁରୁ, ନୀତି ନିର୍ଦ୍ଧାରକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ସେଲିବ୍ରିଟି ଏବଂ ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କୁ ଏକତ୍ରିତ କରେ । ଯୋଗ ଏବଂ ସୁସ୍ଥତାର ବିକଶିତ ଦୃଶ୍ୟପଟ ବିଷୟରେ ଆଲୋଚନା, ସହଯୋଗ ଏବଂ ଚିନ୍ତାଧାରାର ଆଦାନ ପ୍ରଦାନ ପାଇଁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା ଏହି ଶିଖର ସମ୍ମିଳନୀର ଲକ୍ଷ୍ୟ ।

ଏହି ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' । ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକାଦଶ ଆନ୍ତର୍ଜାତିକ ଯୋଗଦିବସ ଅବସରରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ବାହାରିନ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଏବଂ ଦକ୍ଷିଣ କୋରିଆ ସମେତ ଅନ୍ୟାନ୍ୟ ଦେଶର ଯୋଗ ବିଶେଷଜ୍ଞ ଏହି ସମ୍ମିଳନୀରେ ସାମିଲ

ହୋଇଛନ୍ତି । ଯୋଗର ଉପକାରିତାକୁ ବିଶ୍ୱ ବ୍ୟାପି ଅଧିକ ପ୍ରଚାର ଓ ପ୍ରସାର କରିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିବିଧ ପଦକ୍ଷେପ ଗ୍ରହଣ କରାଯାଉଛି ।

## ଜୟଶଙ୍କର-ଫ୍ରାନ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ମାର୍ସେଲି ଠାରେ ତାଙ୍କର ଫ୍ରାନ୍ସ ପ୍ରତିପକ୍ଷ ଜିନ୍ ନୋଏଲ୍ ପ୍ୟାରଟ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିବା ସହିତ ଭାରତ ନିଜକୁ ରକ୍ଷା କରିବା ଦିଗରେ ନେଇଥିବା ପଦକ୍ଷେପକୁ ଫ୍ରାନ୍ସ ସମର୍ଥନ କରିଥିବାରୁ ଡକ୍ଟର ଜୟଶଙ୍କର ଏହାକୁ ପ୍ରଶଂସା କରିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ସ୍ୱଚ୍ଛ ଶକ୍ତି, ସଂସ୍କୃତି ଏବଂ ଜନସମ୍ପର୍କ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ମନ୍ତ୍ରୀ ଆଲୋଚନା କରିଛନ୍ତି ବୋଲି ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଭାରତ ଓ ଫ୍ରାନ୍ସ' ୨୦୨୬କୁ ନବସୃଜନତାର ବର୍ଷ ଭାବେ ପାଳନ କରିବାକୁ ଥିବାରୁ ବୈଷୟିକ ଜ୍ଞାନକୌଶଳ, କୃତ୍ରିମ ବୁଦ୍ଧିମତା, ସାଇବର ଓ ମହାକାଶ ଗବେଷଣା କ୍ଷେତ୍ରରେ ନୂତନ ସୁଯୋଗର ଅନ୍ୱେଷଣ କରିବା ଲାଗି ଦୁଇ ଦେଶ ସମ୍ମତ ହୋଇଛନ୍ତି । ବିବିଧ କ୍ଷେତ୍ରରେ ଭାରତ ଓ

ଫ୍ରାନ୍ସ ମଧ୍ୟରେ ଥିବା ସୁଦୃଢ଼ ସମ୍ପର୍କ ଏକ ବିଶ୍ୱାସ ତଥା ସଶକ୍ତ ରଣନୈତିକ ଭାଗିଦାରୀର ପ୍ରତିଫଳନ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ୟୁରୋପୀୟ ସଂଘ ସହିତ ମୁକ୍ତ ବାଣିଜ୍ୟ ରାଜିନାମା-ଏଫ୍‌ଟିଏ ସମ୍ପର୍କରେ ଡକ୍ଟର ଜୟଶଙ୍କର କହିଛନ୍ତି ଯେ ଉଭୟପକ୍ଷ ଚଳିତବର୍ଷ ମଧ୍ୟରେ ଏହାକୁ ଚୂଡାନ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଏନ୍‌ଆଇଏ - ଇନ୍‌ଭେଷ୍ଟିକେସନ

ନିଷିଦ୍ଧ ସଂଗଠନ ହିଜବ-ଉତ୍-ତାହିର (ଏଚ୍.ୟୁ.ଟି) ସହ ଜଡିତ ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ଜାତୀୟ ଅନୁସନ୍ଧାନ-ଏନ୍.ଆଇ.ଏ ଆଜି ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ଏକାଧିକ ସ୍ଥାନରେ ଚଢ଼ଉ କରିଛି । ଏକ ବିବୃତ୍ତିରେ ଏନ୍‌ଆଇଏ କହିଛି ଯେ ଏଚ୍.ୟୁ.ଟି ଏବଂ ଏହାର ସଦସ୍ୟମାନଙ୍କ କାର୍ଯ୍ୟକଳାପ ଉପରେ ଚାଲିଥିବା ଏଜେନ୍ସିର ଅନୁସନ୍ଧାନର ଅଂଶଭାବରେ ଭୋପାଳର ୩ଟି ଏବଂ ଖଲଓ୍ୱାରର ୨ଟି ସ୍ଥାନରେ ଚଢ଼ଉ କରାଯାଇଥିଲା । ଅନୁସନ୍ଧାନ ସମୟରେ ଏନ୍‌ଆଇଏ ଟିମ୍ ଅନେକ ଡିଜିଟାଲ ଉପକରଣ ଜବତ କରିଛନ୍ତି । ସାରା ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ବିଭିନ୍ନ ଆତଙ୍କବାଦୀ ଓ ଉଗ୍ରବାଦୀ ନେଟଓ୍ୱର୍କ ଏବଂ ସଂଗଠନକୁ ଧ୍ୱଂସ କରିବାର ପ୍ରୟାସର ଅଂଶ ଭାବେ ଏନ୍‌ଆଇଏ ଦ୍ୱାରା ଏହି ମାମଲା ପଞ୍ଜିକୃତ ହୋଇଥିଲା । ଏହାର ତନ୍ତ ଜାରି ରହିଛି ।

# ଚେନ୍ନାଇ ଫେରି ସର୍ଭିସ୍

ଆସନ୍ତା ୪ ଦିନ ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଏହାକୁ ଦୃଷ୍ଟିରେ ରଖି ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଫେରି ସେବାକୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ନାଗାପଟିନମ୍‌ରୁ ଶ୍ରୀଲଙ୍କାର କାନ୍‌କେସାନ୍ଥୋରାଇ ପର୍ଯ୍ୟନ୍ତ ଫେରିସେବାକୁ କିଛିଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ପଡୋଶୀ ଦେଶକୁ ଯାତ୍ରା କରିବା ପାଇଁ ଟିକଟ କରିଥିବା ଯାତ୍ରୀମାନଙ୍କୁ ଏହି ଫେରି ସେବା ସ୍ଥଗିତ ରଖାଯିବା ସମ୍ପର୍କରେ ଅବଗତ କରାଯାଇଛି ।

# ଟେଷ୍ଟ ଚାମ୍ପିୟନସିପ୍

ଇଂଲଣ୍ଡର ଲର୍ଡ୍‌ସରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ୨୦୨୫ର ଫାଇନାଲରେ ଦକ୍ଷିଣ ଆଫ୍ରିକା ବିଜୟର ନିକଟତର ହୋଇଛି । ଦକ୍ଷିଣ ଆଫ୍ରିକାକୁ ଜିତିବାକୁ ଆଉ ଅଣସ୍ତରୀ ରନ୍ ଆବଶ୍ୟକ ଥିବାବେଳେ ହାତରେ ୮ଟି ୱିକେଟ୍ ବାକି ଅଛି । ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସ୍‌ରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୨ଟି ୱିକେଟ୍ ହରାଇ ୨୧୩ ସଂଗ୍ରହ କରିଛି । ଏଡେନ ମାକ୍ରମ ୧୦୨ ରନ୍ ଏବଂ ଟେମ୍ବା ବାଭୁମା ୬୫ରନ୍ ସହ କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଏହି ଟେଷ୍ଟ ବିଜୟ ପାଇଁ

ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୮୨ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଦକ୍ଷିଣ ଆଫ୍ରିକା ବିଜୟଲାଭ କଲେ ଆଇସିସି ଟେଷ୍ଟ ଚାମ୍ପିୟନସିପ୍‌ର ୨୭ ବର୍ଷର ଇତିହାସରେ ପ୍ରଥମରଥର ଟାଇଟଲ ହାସଲ କରିବ । ଚୂଡାନ୍ତ ସ୍କୋର ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍ ୨୧୨ରନ୍ ଏବଂ ଦ୍ୱିତୀୟ ଇନିଂସ୍ ୨୦୭ ରନ୍ । ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ୍ ୧୩୮ ରନ୍ ।